# ଛୋଟ କଥାରୁ ବଡ଼ପଣ

## ଆମ ଘରର ହାଲଚାଲ

**ସୌମ୍ୟରଂଜନ ପଟ୍ଟନାୟକ**

ଯମଜ ଶିଶୁ ଜଗାବଳିଆଙ୍କର ବିରଳ ଅସ୍ତ୍ରୋପଚାର ଓ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ୧କୋଟି ଟଙ୍କାର ଅନୁଦାନ ଦେବା କଥାଟିକୁ ତାଙ୍କର ନିନ୍ଦୁକମାନେ ମଧ୍ୟ ପ୍ରଶଂସା କରିବାକୁ ବାଧ୍ୟ ହେବେ। ଆଜିର କ୍ଷମତାସୀନ ବ୍ୟକ୍ତିମାନେ ସାଧାରଣ ନାଗରିକଙ୍କ ଅର୍ଥକୁ ରାଷ୍ଟ୍ରକୃପା ନାମରେ ବାଣ୍ଟି ରାଜନୈତିକ ସଫଳତା ହାସଲ କରିବାର କୌଣସି ସୁଯୋଗ ହାତଛଡ଼ା କରନ୍ତି ନାହିଁ। କିନ୍ତୁ ନବୀନବାବୁଙ୍କର ଏହି ନିଷ୍ପତ୍ତିକୁ କେହି କେବେ ସେ ଦୃଷ୍ଟିରେ ଦେଖିବାକୁ ସାହସ କରିବେ ନାହିଁ। ଏପରି ଛୋଟ ଛୋଟ କଥାରୁ ମଣିଷର ବଡ଼ପଣ ଜଣାପଡ଼ିଥାଏ। ନବୀନବାବୁଙ୍କର ଏ ବଡ଼ପଣ ପାଇଁ ଆମେ ତାଙ୍କୁ ଅଭିନନ୍ଦନ ଜଣାଉଛୁ। କିନ୍ତୁ ଆମ ମନକୁ ଯେଉଁ କଥାଟି ବ୍ୟସ୍ତ କରୁଛି ତାହା ହେଲା ଏପରି ବଡ଼ପଣ ଅନ୍ୟ ସବୁକ୍ଷେତ୍ରରେ କାହିଁକି ପରିଲକ୍ଷିତ ହେଉନାହିଁ।

ଏହି ପରିପ୍ରେକ୍ଷୀରେ ଆଜି ଆଉ ଏକ ଛୋଟ କଥା ଆଲୋଚନାର ଅପେକ୍ଷା ରଖୁଛି। ଏ ଜାତିର ଯେଉଁମାନେ ପ୍ରାତଃସ୍ମରଣୀୟ ସେମାନଙ୍କର ସ୍ମୃତିରକ୍ଷା ପାଇଁ ସେମାନଙ୍କ ନାମରେ ଅନୁଷ୍ଠାନ ଓ ରାସ୍ତାଘାଟକୁ ନାମିତ କରିବାର ପରମ୍ପରା ବହୁ ପୂର୍ବରୁ ରହିଛି। ଆମ ବ୍ୟବସ୍ଥାରେ ଏପରି କରିବା ପାଇଁ ନୀତି ନିୟମ ମଧ୍ୟ ସ୍ଥିରୀକୃତ ହୋଇଛି। କୌଣସି ବ୍ୟକ୍ତିଙ୍କ ନାମରେ କୌଣସି ରାସ୍ତାର ନାମକରଣର ଦାୟିତ୍ୱ ଦୁଇଟି ବିଭାଗ ଅଧୀନରେ ଆସୁଛି। ନଗର ଉନ୍ନୟନ ଓ ପୂର୍ତ୍ତ ବିଭାଗ। ଆସନ୍ତୁ ଦେଖିବା ଏହି ପରିପ୍ରେକ୍ଷୀରେ ଗୋଟିଏ ଛୋଟିଆ କଥାର ଘଟଣାକ୍ରମ।

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ଏ ଜାତିର ନମସ୍ୟ ଏବଂ ପ୍ରାତଃ ସ୍ମରଣୀୟ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଏବଂ ବିଦଗ୍ଧ କବି ଅଭିମନ୍ୟୁଙ୍କୁ କେବଳ ତୁଳନା କରାଯାଏ ନାହିଁ, ଅଭିମନ୍ୟୁଙ୍କଠାରେ ଅନ୍ୟ ଦୁଇଜଣଙ୍କର ବୈଶିଷ୍ଟ୍ୟ ବିଦ୍ୟମାନ ବୋଲି ତାଙ୍କୁ ଅଧିକ ଶ୍ରଦ୍ଧା ଓ ସମ୍ମାନ ମିଳିଥାଏ। ଏଭଳି ଜଣେ ମହାପୁରୁଷଙ୍କର ସ୍ମୃତିରକ୍ଷା ପାଇଁ ୧୯୭୬ ମସିହାରୁ ଗଠିତ ଅଭିମନ୍ୟୁ ସ୍ମୃତିସଂସଦ ବାରମ୍ବାର ଦାବି କରି ଆସୁଛି। ୨୦୦୧ ମସିହାରେ ବିଦଗ୍ଧ କବି ଅଭିମନ୍ୟୁଙ୍କର ଜନ୍ମ ଉତ୍ସବ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କବିଙ୍କର ଜନ୍ମସ୍ଥାନ ଯାଜପୁର ଜିଲ୍ଲାର ବାଲିଆ ଯାଇଥିଲେ। ଅଭିମନ୍ୟୁ ସ୍ମୃତିସଂସଦ ସବୁଥର ପରି ଏଥର ମଧ୍ୟ ରାଜଧାନୀର କୌଣସି ଏକ ରାସ୍ତାକୁ ଅଭିମନ୍ୟୁଙ୍କ ନାମରେ ନାମିତ କରିବା ପାଇଁ ସେମାନଙ୍କର ପୁରୁଣା ଦାବିକୁ ଦୋହରାଇଲେ। ନବୀନବାବୁ ନୂଆନୂଆ ମୁଖ୍ୟମନ୍ତ୍ରୀ। ଓଡ଼ିଆମନକୁ ଜିଣିବା ପାଇଁ ଏଭଳି ଏକ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବେ ବୋଲି ସଭାରେ ପ୍ରତିଶ୍ରୁତି ମଧ୍ୟ ଦେଲେ। ତଦନୁଯାୟୀ ପରବର୍ତ୍ତୀ ସମୟରେ କନଭେଣ୍ଟ ଛକଠାରୁ ସତ୍ୟନଗର ଲେଭଲକ୍ରସିଂ ଦେଇ କଟକରୋଡ଼ ପର୍ଯ୍ୟନ୍ତ ଯାଉଥିବା ରାସ୍ତାକୁ ଅଭିମନ୍ୟୁ ସାମନ୍ତସିଂହାର ମାର୍ଗ ନାମରେ ନାମିତ କରାଗଲା। ଫଳକ ମଧ୍ୟ ଲାଗିଲା। ତାହାର ବହୁ ବର୍ଷ ପରେ ଆମର ଭୋଟ କାଙ୍ଗାଳ ନେତାମାନଙ୍କ ମଧ୍ୟରୁ କେହି ବୋଧେ ପରାମର୍ଶ ଦେଲେ ଯେ ମଦର ଟେରେସାଙ୍କ ସନ୍ଥତ୍ୱ ପ୍ରାପ୍ତି ଉତ୍ସବ ପାଳନ ଅବସରକୁ ହାତଛଡ଼ା କରିବା ଉଚିତ ହେବ ନାହିଁ। ଓଡ଼ିଶା କ୍ୟାଥୋଲିକ୍ ବିଶପ କାଉନସିଲ୍ ମଦର ଟେରେସାଙ୍କ ନାମରେ ରାଜଧାନୀର କୌଣସି ଏକ ରାସ୍ତାକୁ ନାମିତ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ସଂଖ୍ୟାଲଘୁ ଖ୍ରୀଷ୍ଟିୟାନ ସଂପ୍ରଦାୟ ଏଭଳି ନିଷ୍ପତ୍ତିରେ ପ୍ରଭାବିତ ହେବେ ଏବଂ ସରକାରଙ୍କର ଦରଦୀ ମନୋଭାବର ସୂଚନା ମିଳିବ। ତେବେ ସରକାରଙ୍କୁ କ୍ରମବର୍ଦ୍ଧିଷ୍ଣୁ ରାଜଧାନୀରେ ଆଉ କୌଣସି ରାସ୍ତା ମିଳିଲା ନାହିଁ। ସଂଖ୍ୟାଲଘୁ ଖ୍ରୀଷ୍ଟିୟାନ ସଂପ୍ରଦାୟଙ୍କୁ ପ୍ରଭାବିତ କରିବା ପାଇଁ ସମ୍ଭବତଃ କନ୍‌ଭେଣ୍ଟ ଛକ କଥା ମନକୁ ଆସିଲା। ଅତୀତକୁ ଭୁଲିଯାଇ ଅଭିମନ୍ୟୁ ସାମନ୍ତ ସିଂହାର ମାର୍ଗକୁ ମଦର ଟେରେସାଙ୍କ ନାମରେ ନାମିତ କରି ଦିଆଗଲା। ଅଭିମନ୍ୟୁଙ୍କ ଫଳକ ହଟିଲା, ମଦର ଟେରେସା ମାର୍ଗର ଫଳକ ଲାଗିଲା। ଏହା କ'ଣ ଦିନ ଦ୍ୱିପ୍ରହରରେ ଓଡ଼ିଶାର ଜଣେ ପୂର୍ବସୂରୀଙ୍କ ହତ୍ୟା ନୁହେଁ? ପରବର୍ତ୍ତୀ ସମୟରେ ସ୍ମୃତି ସଂସଦ ତରଫରୁ ପ୍ରତିବାଦ ହେବାରୁ ଶକ୍ତି ସରଣୀକୁ ଅଭିମନ୍ୟୁଙ୍କ ନାମରେ ନାମିତ କରାଯାଇଛି। ଏହା କ'ଣ ଗୋଇଠା ମାରି ବିଷ୍ଣୁ କହିବା ପରି ନୁହେଁ? ଆମର ପ୍ରଶ୍ନ ହେଲା, ଏପରି ଘଟଣା ଘଟିଲା କିପରି ଓ କାହିଁକି? ଆମ ସରକାର କିପରି ଚାଲିଛି ଏହା ତାହାର ଏକ ଛୋଟ ଉଦାହରଣ। କଥାଟି ଛୋଟ ହେଲେବି ଭାତ ହାଣ୍ଡିରୁ ଗୋଟିଏ ଚିପିଲା ଭଳି ଆମ ପ୍ରଶାସନର ସ୍ୱଭାବ ଓ ଚରିତ୍ର ସଂପର୍କରେ ଅନେକ ସୂଚନା ଦେଉଛି। କୁହାଯାଉଛି ପ୍ରଶାସକମାନେ ଏ ସରକାରକୁ ଚଳାଉଛନ୍ତି। ସବୁବେଳେ ଅବହେଳା କଥା କହୁଥିବା ମୁଖ୍ୟମନ୍ତ୍ରୀ ପ୍ରଶାସକମାନଙ୍କ ଏ ଅବହେଳା ବିରୋଧରେ କି କାର୍ଯ୍ୟାନୁଷ୍ଠାନ କରିଛନ୍ତି?

ମଦର ଟେରେସାଙ୍କୁ ସମ୍ମାନ ଜଣାଇବା ପାଇଁ ଓଡ଼ିଆ ଜାତି କେବେ ବି କାର୍ପଣ୍ୟ କରିବ ନାହିଁ। ଏପରି ସୁଯୋଗକୁ ନବୀନବାବୁ ନିଜ ବଡ଼ପଣ ଦେଖାଇବାରେ ବିନିଯୋଗ କରିପାରିଥାନ୍ତେ। ମଦର ଟେରେସାଙ୍କୁ ସଂଖ୍ୟାଲଘୁ ଖ୍ରୀଷ୍ଟିୟାନ ସଂପ୍ରଦାୟର ପ୍ରତିନିଧି କରି ତାଙ୍କ ବ୍ୟକ୍ତିତ୍ୱକୁ ଛୋଟ କରିବାକୁ ଆମେ ଚାହୁଁନାହୁଁ। ଅଗଣିତ ଦୁଃଖି ଦରିଦ୍ରଙ୍କ ତ୍ରାଣକର୍ତ୍ତା ସାଜି ସେ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କୁ ଓଡ଼ିଆ ଜାତି ଶ୍ରଦ୍ଧା ଓ ସମ୍ମାନ ଜଣାଇବାକୁ କାର୍ପଣ୍ୟ କରିବ କାହିଁକି? ଏବେ ବି ସମୟ ଅଛି। ଏପରି ପାପର ପ୍ରାୟଶ୍ଚିତ ହେବା ଦରକାର। ଭୁଲ ସ୍ୱୀକାର କରି ତାକୁ ସୁଧାରିବାକୁ ଚେଷ୍ଟା କଲେ କେହି କେବେ ଛୋଟ ହୋଇଯାଏ ନାହିଁ। ବରଂ ଛୋଟଛୋଟ କଥାରୁ ବଡ଼ପଣ ବାରିହୋଇ ପଡେ। ଓଡ଼ିଶାରେ ବିଜୁବାବୁଙ୍କ ନାମରେ ଶୌଚାଳୟଠାରୁ ଆରମ୍ଭ କରି ଦେବାଳୟ ପର୍ଯ୍ୟନ୍ତ ଅନେକ ଅନୁଷ୍ଠାନ ନାମିତ ହୋଇଛି। ଓଡ଼ିଶା ଏବେ ବିଜୁ ଫଳକରେ ଭର୍ତ୍ତି। ଏଥିରୁ ଗୋଟିଏ ବଦଳାଇ ମଦର ଟେରେସାଙ୍କ ନାମରେ ନାମିତ କରି ଦେଇଥିଲେ ବିଜୁବାବୁ ଛୋଟ ହୋଇଯାଇ ନଥାନ୍ତେ। ବରଂ ଜଗାବଳିଆର ସାହାଯ୍ୟ ରାଶି ପରି ନବୀନବାବୁଙ୍କର ଏହା ଆଉ ଏକ ବଡ଼ପଣ ବୋଲି ସମସ୍ତେ ସ୍ୱୀକାର କରିଥାନ୍ତେ।